रजिस्ट्री सं॰ डी॰ एल॰—(एन)04/0007/2006—08 REGISTERED NO. DL—(N)04/0007/2006—08

भारत का राजपत्र
The Gazette of India
असाधारण
EXTRAORDINARY
भाग II — खण्ड 1
PART II — Section 1
प्राधिकार से प्रकाशित
PUBLISHED BY AUTHORITY

सं॰ 5] नई दिल्ली, शुक्रवार, जनवरी 20, 2006 / पौष 30, 1927
No. 5] NEW DELHI, FRIDAY, JANUARY 20, 2006 / PAUSA 30, 1927

# ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟ

(ବିଧିନିର୍ମାଣ ବିଭାଗ)

**ନୂଆ ଦିଲ୍ଲୀ, ୨୦ ଜାନୁଆରୀ ୨୦୦୬/ ୩୦ ପୌଷ ୧୯୨୭ (ଶକ)**

*ସଂସଦ ଦ୍ୱାରା ପ୍ରଣୀତ ନିମ୍ନୋକ୍ତ ଆଇନ୍ ୨୦ ଜାନୁଅରୀ ୨୦୦୬ରେ ରାଷ୍ଟ୍ରପତିଙ୍କ ସହମତି ଲାଭ କରିଛି ଏବଂ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ପାଇଁ ପ୍ରକାଶ କରାଯାଉଛି –*

# ବାଳୁତ ଅଧିକାର ସୁରକ୍ଷା କମିଶନ୍‌ସମୂହ ଆଇନ୍, ୨୦୦୫

## (୨୦୦୬ର ଆଇନ୍ ସଂଖ୍ୟା ୪)

୨୦ ଜାନୁଆରୀ ୨୦୦୬

ବାଳୁତମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧସମୂହ ତଥା ବାଳୁତ ଅଧିକାରଗୁଡ଼ିକର ଉଲ୍ଲଂଘନର ଦ୍ରୁତ ବିଚାର ତଥା ତତ୍ ସଂକ୍ରାନ୍ତ ବା ଆନୁଷଙ୍ଗିକ ଉଦ୍ଦେଶ୍ୟସମୂହର ପୂରଣ ପାଇଁ ଆବଶ୍ୟକ ହେଉଥିବା ଜାତୀୟ ଓ ରାଜ୍ୟ ସ୍ତରରେ ବାଳୁତ ଅଧିକାର ସୁରକ୍ଷା କମିଶନ୍‌ମାନ ତଥ ବାଳୁତ ନ୍ୟାୟାଳୟସମୂହର ଗଠନ ପାଇଁ ଏହି ଆଇନ୍ ଉଦ୍ଦିଷ୍ଟ ।

ଯେହେତୁ ୧୯୯୦ରେ ଅନୁଷ୍ଠିତ ହୋଇଥିବା ମିଳିତ ଜାତିସଂଘର ସାଧାରଣ ସଭାର ଶୀର୍ଷ ଅଧିବେଶନରେ ଭାରତ ଭାଗ ନେଇଥିଲା ଏବଂ ସେଠାରେ ବାଳୁତଙ୍କ ଜୀବନ, ସୁରକ୍ଷା ଏବଂ ବିକାଶ ଉପରେ ଏକ ଘୋଷଣାନାମା ଗୃହୀତ ହୋଇଥିଲା;

ଏବଂ ଯେହେତୁ ୧୧ ଡିସେମ୍ବର ୧୯୯୨ରେ ବାଳୁତ ଅଧିକାରସମୂହ ଉପରେ  ସଂକଳ୍ପ (ସି.ଆର୍.ସି.)କୁ ଭାରତ ନିଜର ସ୍ୱୀକୃତି ପ୍ରଦାନ କରିଛି;

ଏବଂ ଯେହେତୁ ସି.ଆର୍.ସି. ହେଉଛି ଏକ ଆନ୍ତର୍ଜାତିକ ରାଜିନାମା ଯାହା ବଳରେ ପ୍ରତି ସ୍ୱାକ୍ଷରକାରୀ ରାଷ୍ଟ୍ର ଉକ୍ତ ସଂକଳ୍ପରେ ସୂଚୀତ ହୋଇଥିବା ବାଳୁତ ଅଧିକାରସମୂହର ସୁରକ୍ଷା ଉଦ୍ଦେଶ୍ୟରେ ସମସ୍ତ ଆବଶ୍ୟକ ପଦକ୍ଷେପମାନ ନେବା ପାଇଁ ଚୁକ୍ତିବଦ୍ଧ;

ଏବଂ ଯେହେତୁ ବାଳୁତ ଅଧିକାରସମୂହର ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ନିକଟ ଅତୀତରେ ଗ୍ରହଣ କରିଥିବା ପ୍ରୟାସଗୁଡିକ ଭିତରୁ ଗୋଟିଏ ହେଲା ବାଳୁତଙ୍କ ପାଇଁ ଜାତୀୟ ସନନ୍ଦ ୨୦୦୩ର ଉଦ୍‌ଘୋଷଣା;

ଏବଂ ଯେହେତୁ ମେ ୧୯୯୨ରେ ବାଳୁତଙ୍କ ଉପରେ ଅନୁଷ୍ଠିତ ହୋଇଥିବା ମିଳିତ ଜାତିସଂଘର ସ୍ୱତନ୍ତ୍ର ଅଧିବେଶନରେ  ଏକ ପରିଣାମ-ସୂଚକ ଦଲିଲ୍ 'ବାଳୁତଙ୍କ ପାଇଁ ଏକ ଉପଯୁକ୍ତ ବିଶ୍ୱ' ଗୃହୀତ ହୋଇଥିଲା ଏବଂ ଚଳିତ ଦଶନ୍ଧିରେ ସଦସ୍ୟ ରାଷ୍ଟ୍ର ମାନଙ୍କ ଦ୍ୱାରା କେଉଁସବୁ ଲକ୍ଷ୍ୟ, ଉଦ୍ଦେଶ୍ୟ, କାର୍ଯ୍ୟକୌଶଳ ଏବଂ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ପାରିବ ତାହା ସୂଚୀତ ହୋଇଥିଲା;

ଏବଂ ଯେହେତୁ ଏହି କ୍ଷେତ୍ରରେ ସରକାରଙ୍କ ଦ୍ୱାରା ଗୃହୀତ ନୀତିସମୂହ, ସି.ଆର୍.ସି. ଏବଂ ଅନ୍ୟସମସ୍ତ ପ୍ରାସଙ୍ଗିକ ଆନ୍ତର୍ଜାତିକ ବିଧିବିଧାନରେ ବିହିତ ହୋଇଥିବା ମାନଦଣ୍ଡସମୂହକୁ ବାସ୍ତବ ରୂପ ଦେବା ପାଇଁ ବାଳୁତସମୂହଙ୍କ ଉପରେ ଏକ ଆଇନ୍ ପ୍ରଣୟନ କରିବା ଜରୁରୀ ହୋଇ ପଡିଛି;

ତେଣୁ ଭାରତୀୟ ପ୍ରଜାତନ୍ତ୍ରର ୬୫ତମ ବର୍ଷରେ ସଂସଦ ଦ୍ୱାରା ନିମ୍ନ ମତେ ଆଇନ୍ ପ୍ରଣୟନ କରାଯାଉଛି: -

## ଅଧ୍ୟାୟ ୧ : ପ୍ରାରମ୍ଭିକ

**୧. ସଂକ୍ଷିପ୍ତ ଶିରୋନାମା, ପରିସର ଏବଂ ପ୍ରାରମ୍ଭ -**

(୧) ଏହି ଆଇନ୍‌କୁ ବାଳୁତ ଅଧିକାର ସୁରକ୍ଷା କମିଶନ୍‌ସମୂହ ଆଇନ୍ ୨୦୦୫ କୁହାଯାଇପାରେ ।

(୨) ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ଏହା ସମଗ୍ର ଭାରତ ପାଇଁ ପ୍ରଯୁଜ୍ୟ ।

(୩) ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ବଳରେ କେନ୍ଦ୍ର ସରକାର ଯେଉଁ ତାରିଖ ନିର୍ଦ୍ଧାରଣ କରିବେ ଏହା ସେଦିନଠାରୁ ବଳବତ୍ତର ହେବ ।

**୨. ସଂଜ୍ଞାମାନ-**

ପରିପ୍ରେକ୍ଷୀ ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ, ଏହି ଆଇନ୍ ଅଧୀନରେ –

(ଏ) "ଅଧ୍ୟକ୍ଷ"ର ଅର୍ଥ ଯଥାସ୍ଥିତି କମିଶନ୍ ବା ରାଜ୍ୟ କମିଶନ୍‌ର ଅଧ୍ୟକ୍ଷ;

(ବି) "ବାଳୁତ ଅଧିକାରସମୂହ" ଭିତରେ ଅନ୍ତର୍ଭୁକ୍ତ ରହିବ ୨୦ ନଭେମ୍ବର ୧୯୮୯ରେ ବାଳୁତ ଅଧିକାରସମୂହ ଉପରେ ମିଳିତ ଜାତିସଂଘର ସମ୍ମିଳନୀରେ ଗୃହୀତ ହୋଇଥିବା ବାଳୁତ

ଅଧିକାରସମୂହ, ଯାହାକି ଭାରତ ସରକାରଙ୍କ ଦ୍ୱାରା ୧୧ ଡିସେମ୍ବର ୧୯୯୨ରେ ସ୍ୱୀକୃତିପ୍ରାପ୍ତ ହୋଇଛି;

(ସି) "କମିଶନ୍"ର ଅର୍ଥ ଧାରା ୩ ଅଧୀନରେ ଗଠିତ ହୋଇଥିବା ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍;

(ଡି) "ସଦସ୍ୟ"ର ଅର୍ଥ ଯଥାସ୍ଥିତି କମିଶନ୍ ବା ରାଜ୍ୟ କମିଶନ୍‌ର ସଦସ୍ୟ ଏବଂ ଏଥି ମଧ୍ୟରେ ଅନ୍ତର୍ଭୁକ୍ତ ରହିବ ଅଧ୍ୟକ୍ଷ;

(ଇ) "ବିଜ୍ଞପ୍ତି"ର ଅର୍ଥ ସରକାରୀ ଗେଜେଟ୍‌ରେ ପ୍ରକାଶିତ ଏକ ବିଜ୍ଞପ୍ତି ;

(ଏଫ୍) "ବିହିତ"ର ଅର୍ଥ ଏହି ଆଇନ୍ ଅଧୀନରେ ପ୍ରଣୀତ ହୋଇଥିବା ନିୟମାବଳୀ ଅଧୀନରେ ବିହିତ କରାଯାଇଥିବା ;

(ଜି) "ରାଜ୍ୟ କମିଶନ୍"ର ଅର୍ଥ ଧାରା ୧୭ ଅଧୀନରେ ଗଠିତ ବାଳୁତ ଅଧିକାର ସୁରକ୍ଷା ରାଜ୍ୟ କମିଶନ୍ ।

## ଅଧ୍ୟାୟ- ୨ : ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍

**୩. ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍‌ର ଗଠନ-**

(୧) ଏହି ଆଇନ୍ ଅଧୀନରେ ନ୍ୟସ୍ତ ହୋଇଥିବା କ୍ଷମତାବଳୀର ପ୍ରୟୋଗ ଓ ଦାୟିତ୍ୱାବଳୀର ସମ୍ପାଦନ ପାଇଁ କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ଏକ ସଂସ୍ଥା ଗଠନ କରିବେ ଯାହାର ନାମ ହେବ ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ ।

(୨) ଏହି କମିଶନ୍ ନିମ୍ନୋକ୍ତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ, ଯଥା-

**(ଏ)** ଜଣେ ଅଧ୍ୟକ୍ଷ, ଯେ କି ଜଣେ ବିଶିଷ୍ଟ ବ୍ୟକ୍ତି ହୋଇଥିବେ ତଥା ବାଳୁତ କଲ୍ୟାଣକୁ ପ୍ରୋତ୍ସାହନ ଦେବା ପାଇଁ ମହନୀୟ କାର୍ଯ୍ୟ କରିଥିବେ ।

(ବି) କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଅନ୍ତତଃ ଦୁଇଜଣ ମହିଳାଙ୍କ ସମେତ ଛ ଜଣ ସଦସ୍ୟ, ଯାହାଙ୍କର ନିମ୍ନୋକ୍ତ କ୍ଷେତ୍ରରେ ସୁନାମ, ଦକ୍ଷତା, ନିଷ୍ଠା, ପ୍ରତିଷ୍ଠା ଏବଂ ଅଭିଜ୍ଞତା ଥିବ -

(୧) ଶିକ୍ଷା ;

(୨) ଶିଶୁ ସ୍ୱାସ୍ଥ୍ୟ, ଯତ୍ନ, କଲ୍ୟାଣ ବା ଶିଶୁ ବିକାଶ ;

(୩) କିଶୋର ନ୍ୟାୟ ବା ଅବହେଳିତ ଓ ଉପେକ୍ଷିତ ବାଳୁତଙ୍କ ଯତ୍ନ ବା ପଙ୍ଗୁତା-ଗ୍ରସ୍ତ ବାଳୁତ ;

(୪) ବାଳୁତ ଶ୍ରମର ନିରାକରଣ ବା ଦୁର୍ଦ୍ଦଶା-ଗ୍ରସ୍ତ ବାଳୁତ ;

(୫) ବାଳୁତ ମନସ୍ତତ୍ତ୍ୱ ବା ସମାଜ ବିଜ୍ଞାନ ; ଏବଂ

(୬) ବାଳୁତ ସଂପର୍କୀୟ ବିଧିବିଧାନ ।

(୩) କମିଶନ୍‌ର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ ହେବ ।

**୪. ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ନିଯୁକ୍ତି-**

କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ଅଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନଙ୍କୁ ନିଯୁକ୍ତ କରିବେ:

ପରନ୍ତୁ, ମାନବ ସମ୍ପଦ ବିକାଶ ମନ୍ତ୍ରଣାଳୟର ଦାୟିତ୍ୱନିର୍ବାହୀ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଏକ ୩ ଜଣିଆ ଚୟନ କମିଟିଙ୍କ ସୁପାରିଶ୍ କ୍ରମେ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଯିବ ।

**୫. ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର କାର୍ଯ୍ୟକାଳ ଏବଂ ସେବା ସର୍ତ୍ତାବଳୀ-**

(୧) ପଦଗ୍ରହଣ ତାରିଖ ଠାରୁ ୩ ବର୍ଷ ପାଇଁ ଅଧ୍ୟକ୍ଷ ଏବଂ ପ୍ରତି ସଦସ୍ୟ ନିଜ ପଦବୀ ନିର୍ବାହ କରିବେ:

ପରନ୍ତୁ କୌଣସି ଅଧ୍ୟକ୍ଷ ବା ସଦସ୍ୟ ଦୁଇଥର ଠାରୁ ଅଧିକ ସମୟ ପାଇଁ ପଦବୀରେ ରହିବେ ନାହିଁ:

ପୁଣି ପରନ୍ତୁ,କୌଣସି ଅଧ୍ୟକ୍ଷ ବା ଅନ୍ୟ କୋଣସି ସଦସ୍ୟ ନିଜ ପଦବୀରେ ରହି ପାରିବେ ନାହିଁ, ଯଦି-

(ଏ) ସେ ଅଧ୍ୟକ୍ଷ ହୋଇ ୬୫ ବର୍ଷରେ ପହଞ୍ଚିଥାନ୍ତି ; ଏବଂ

(ବି) ସେ ସଦସ୍ୟ ହୋଇ ୬୦ବର୍ଷରେ ପହଞ୍ଚିଥାନ୍ତି ।

(୨) ଅଧ୍ୟକ୍ଷ ବା ଜଣେ ସଦସ୍ୟ ଯେ କୌଣସି ସମୟରେ କେନ୍ଦ୍ର ସରକାରଙ୍କୁ ସମ୍ବୋଧନ କରି ସ୍ୱହସ୍ତରେ ଲିଖିତ ପତ୍ର ମାଧ୍ୟମରେ ନିଜ ପଦବୀରୁ ଇସ୍ତଫା ଦେଇ ପାରନ୍ତି ।

**୬. ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ବେତନ ଏବଂ ଭତ୍ତାସମୂହ-**

ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ପଦବିଧି ଓ ସେବା ସର୍ତ୍ତାବଳୀ ତାହାହିଁ ହେବ ଯାହା କି କେନ୍ଦ୍ର ସରକାର ବିହିତ କରିପାରନ୍ତି :

ପରନ୍ତୁ ଯଥାସ୍ଥିତି ଅଧ୍ୟକ୍ଷ ବା ଅନ୍ୟ କୋଣସି ସଦସ୍ୟଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ପଦବିଧି ଓ ସେବା ସର୍ତ୍ତାବଳୀକୁ ନିଯୁକ୍ତି ପରେ ତାଙ୍କର ହାନି ହେଲା ଭଳି ରୀତିରେ ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

**୭. ପଦବୀରୁ ବହିଷ୍କାର-**

(୧) ଉପଧାରା (୨)ର ବ୍ୟବସ୍ଥାର ଅଧୀନରେ ରହି ଦୁର୍ବ୍ୟବହାର ବା ଅପାରଗତାର ପ୍ରମାଣିତ କାରଣ ଭିତ୍ତିରେ କେନ୍ଦ୍ର ସରକାର ନିଜର ଆଦେଶ ବଳରେ ଅଧ୍ୟକ୍ଷଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିପାରନ୍ତି ।

(୨) ଉପଧାରା (୧)ରେ ଯାହାକିଛି ବ୍ୟବସ୍ଥା ସ୍ଥାନିତ ହୋଇଥାଉନା କାହିଁକି, କେନ୍ଦ୍ର ସରକାର ନିଜର ଆଦେଶ ବଳରେ ଯଥାସ୍ଥିତି ଅଧ୍ୟକ୍ଷ ବା ଅନ୍ୟ ଯେ କୌଣସି ସଦସ୍ୟଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିପାରନ୍ତି, ଯଦି ଅଧ୍ୟକ୍ଷ ବା ଅନ୍ୟ କୌଣସି ସଦସ୍ୟ-

(ଏ) ଦେବାଳିଆ ବୋଲି ବିବେଚିତ ହୁଅନ୍ତି ; ବା

(ବି) ପଦବୀରେ ଥାଇ ନିଜ ପଦବୀ-ଜନିତ ଦାୟିତ୍ୱାବଳୀ ବାହାରେ ଅନ୍ୟ କୌଣସି ପାରିଶ୍ରମିକ -ଭିତ୍ତିକ ନିଯୁକ୍ତିରେ ଜଡିତ ହୁଅନ୍ତି ; ବା

(ସି) କାର୍ଯ୍ୟ ସଂପାଦନ କରିବାକୁ ମନା କରନ୍ତି ବା କାର୍ଯ୍ୟ ସଂପାଦନ କରିବାକୁ ଅକ୍ଷମ ହୁଅନ୍ତି ; ବା

(ଡି) ବିକୃତ ମସ୍ତିଷ୍କ ହୋଇପଡନ୍ତି ବା ଗୋଟିଏ କ୍ଷମତାପ୍ରାପ୍ତ ଅଦାଲତ ଦ୍ୱାରା ଏପରି ଘୋଷିତ ହୁଅନ୍ତି ; ବା

(ଇ) ନିଜର ପଦବୀକୁ ଏଭଳି ଅପବ୍ୟବହାର କରିଛନ୍ତି ଯାହା ଫଳରେ ସେ ପଦବୀରେ ବଜାୟ ରହିବା ସର୍ବସାଧାରଣ ସ୍ୱାର୍ଥର ପରିପନ୍ଥୀ ହୋଇପଡେ ; ବା

(ଏଫ୍) ଏଭଳି ଏକ ଅପରାଧରେ ଦୋଷୀ ବୋଲି ସାବ୍ୟସ୍ତ ହୁଅନ୍ତି ଏବଂ ସେହି କାରଣରୁ ଜେଲ୍‌ଦଣ୍ଡ ଭୋଗନ୍ତି, ଯାହାକି କେନ୍ଦ୍ର ସରକାରଙ୍କ ମତରେ ନୈତିକ ଭ୍ରଷ୍ଟତା ଅଟେ ; ବା

(ଜି) କମିଶନ୍‌ଙ୍କ ଠାରୁ ଅନୁମତି ନନେଇ କ୍ରମାଗତ ଭାବେ କମିଶନ୍‌ଙ୍କ ତିନୋଟି ବୈଠକରେ ଅନୁପସ୍ଥିତ ରୁହନ୍ତି ।

(୩) ଏହି ଧାରା ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ବହିଷ୍କାର କରାଯିବ ନାହିଁ ଯେ ପର୍ଯ୍ୟନ୍ତ ସେହି ବ୍ୟକ୍ତିଙ୍କୁ

ସଂପୃକ୍ତ ବିଷୟରେ ତାଙ୍କର ବକ୍ତବ୍ୟ ଶୁଣେଇବାକୁ ସୁଯୋଗ ଦିଆ ନଯାଇଛି ।

**୮. ଅଧ୍ୟକ୍ଷ ବା ସଦସ୍ୟଙ୍କ ପଦବୀ ଖାଲି ରହିବା-**

(୧) ଯଦି ଯଥାସ୍ଥିତି ଅଧ୍ୟକ୍ଷ ବା ଅନ୍ୟ କୌଣସି ସଦସ୍ୟ-

(୧) ଧାରା ୬ରେ ସୂଚୀତ ହୋଇଥିବା ବିଭିନ୍ନ ଅଯୋଗ୍ୟତା ଭିତରୁ କୋଣସି ଗୋଟିକର ବଶବର୍ତ୍ତୀ ହୁଅନ୍ତି; ବା

(୨) ଧାରା ୫ ଅନ୍ତର୍ଗତ ଉପଧାରା (୨) ଅନୁଯାୟୀ ନିଜର ଇସ୍ତଫା ଦିଅନ୍ତି,

ତେବେ ତାଙ୍କ ପଦବୀ ଖାଲି ରହିବ ।

(୨) ମୃତ୍ୟୁ, ଇସ୍ତଫା ବା ଅନ୍ୟ କୋଣସି କାରଣରୁ ଯଦି ଯଥାସ୍ଥିତି ଅଧ୍ୟକ୍ଷ ବା ଅନ୍ୟ କୌଣସି ସଦସ୍ୟଙ୍କର ପଦବୀ ଖାଲି ପଡେ ତେବେ ଧାରା ୪ ଅନୁଯାୟୀ ସଦ୍ୟ ନିଯୁକ୍ତି ବଳରେ ସେହି ଖାଲି ସ୍ଥାନକୁ ୯୦ ଦିନ ମଧ୍ୟରେ ପୂରଣ କରାଯିବ ଏବଂ ଯେଉଁ ବ୍ୟକ୍ତି ଉକ୍ତ ଖାଲି ସ୍ଥାନରେ ନିଯୁକ୍ତ ହେବେ ସେ ସେହି ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ପଦବୀରେ ରହିବେ, ଯେଉଁ ସମୟ-ଅବଧି ପାଇଁ ସଂପୃକ୍ତ ଅଧ୍ୟକ୍ଷ ବା ସଦସ୍ୟ ନିଜ ପଦବୀରେ ରହିଥାନ୍ତେ ।

**୯. ପଦବୀ ଖାଲିଥିବା କାରଣରୁ କମିଶନ୍‌ର କାର୍ଯ୍ୟବିଧିର ବୈଧତା କ୍ଷୁର୍ଣ୍ଣ ନହେବା-**

କମିଶନ୍‌ଙ୍କ କୌଣସି ପଦକ୍ଷେପ କିମ୍ବା କାର୍ଯ୍ୟବିଧି ନିମ୍ନୋକ୍ତ କୌଣସି କାରଣରୁ ବୈଧତା ହରାଇବ ନାହିଁ-

(ଏ) କମିଶନ୍‌ରେ କୌଣସି ପଦବୀ ଖାଲିଥିବା ବା କମିଶନ୍‌ର ଗଠନରେ କୌଣସି ତୃଟି ଥିବା; ବା

(ବି) କୌଣସି ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ବା ସଦସ୍ୟ ପଦବୀରେ ନିଯୁକ୍ତ କରିବା କ୍ଷେତ୍ରରେ କୌଣସି ତୃଟି ; ବା

(ସି) ସଂପୃକ୍ତ କେସ୍‌ର ଗୁଣାଗୁଣକୁ ବ୍ୟାହତ ନକଲା ଭଳି କମିଶନ୍‌ଙ୍କ କାର୍ଯ୍ୟବିଧିରେ ଥିବା କୌଣସି ତୃଟି ।

**୧୦. କାର୍ଯ୍ୟସଂପାଦନର ପ୍ରକ୍ରିୟା-**

(୧) କମିଶନ୍ ନିୟମିତ ଭାବେ ନିଜ କାର୍ଯ୍ୟାଳୟରେ ଏମିତି ସମୟରେ ବୈଠକରେ ମିଳିତ ହେବେ ଯାହାକି ଅଧ୍ୟକ୍ଷଙ୍କ ଦ୍ୱାରା ଉପଯୁକ୍ତ ମନେ ହେଉଥିବ, କିନ୍ତୁ ପୂର୍ବବର୍ତ୍ତୀ ବୈଠକ ଓ ପରବର୍ତ୍ତୀ ବୈଠକ ଭିତରେ ୩ମାସ ସମୟର ବ୍ୟବଧାନ ରହିବ ନାହିଁ ।

(୨) ବୈଠକର ପ୍ରତି ନିଷ୍ପତ୍ତି ସଂଖ୍ୟାଗରିଷ୍ଠ ମତ ବଳରେ ଗୃହୀତ ହେବ :
ପରନ୍ତୁ, ଯେଉଁସ୍ଥଳେ ଭୋଟ୍ ସଂଖ୍ୟା ସମାନ ସମାନ ହେବ, ସେପରି ସ୍ଥଳେ ଅଧ୍ୟକ୍ଷ ବା ତାଙ୍କ ଅନୁସ୍ଥିତିରେ ଅଧ୍ୟକ୍ଷତା କରୁଥିବା ବ୍ୟକ୍ତି ନିଜର ନିର୍ଣ୍ଣାୟକ ଭୋଟ୍ ପ୍ରଦାନ କରିବେ ।

(୩) ଯଦି କୌଣସି କାରଣରୁ ଅଧ୍ୟକ୍ଷ କମିଶନ୍‌ଙ୍କ ବୈଠକରେ ଯୋଗଦାନ କରିବା ପାଇଁ ଅସମର୍ଥ ହୁଅନ୍ତି ତେବେ ବୈଠକରେ ଉପସ୍ଥିତ ଥିବା ସଦସ୍ୟମାନେ ନିଜ ଭିତରୁ ଜଣଙ୍କୁ ବାଛିବେ, ଯେ କି ଅଧ୍ୟକ୍ଷତା କରିବେ ।

(୪) ବୈଠକର ନ୍ୟୁନତମ ଉପସ୍ଥାନ (କୋରମ୍) ସମେତ ନିଜର ଗୋଟିଏ ବୈଠକର କାର୍ଯ୍ୟ ପରିଚାଳନା କ୍ଷେତ୍ରରେ କମିଶନ୍ ସେହି ସବୁ ପ୍ରକ୍ରିୟାଗତ ନିୟମାବଳୀ ଅନୁସରଣ କରିବେ ଯାହା କି କେନ୍ଦ୍ର ସରକାରଙ୍କ ଦ୍ୱାରା ବିହିତ ହୋଇପାରେ ।

(୫) କମିଶନ୍‌ଙ୍କ ସମସ୍ତ ଆଦେଶ ଓ ନିଷ୍ପତ୍ତି ସଦସ୍ୟ-ସଚିବଙ୍କ ଦ୍ୱାରା ବା ସଦସ୍ୟ-ସଚିବଙ୍କ ଦ୍ୱାରା ସଂପୃକ୍ତ ଉଦ୍ଦେଶ୍ୟରେ ଯଥାବିଧି କ୍ଷମତାପ୍ରାପ୍ତ ହୋଇଥିବା କମିଶନ୍‌ଙ୍କ ଜଣେ ଅଧିକାରୀଙ୍କ ଦ୍ୱାରା ପ୍ରମାଣୀକୃତ ହେବ ।

**୧୧. କମିଶନ୍‌ଙ୍କ ସଦସ୍ୟ-ସଚିବ, ଅଧିକାରୀଗଣ ଏବଂ ଅନ୍ୟ କର୍ମଚାରୀଗଣ-**

(୧) କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ଏଭଳି ଜଣେ ଅଧିକାରୀଙ୍କୁ କମିଶନ୍‌ଙ୍କ ସଦସ୍ୟ-ସଚିବ ରୂପେ ନିଯୁକ୍ତ କରିବେ, ଯାହାଙ୍କର ପାହ୍ୟା ଭାରତ ସରକାରଙ୍କ ଯୁଗ୍ମ ସଚିବ ବା ଅତିରିକ୍ତ ସଚିବଙ୍କ ଠାରୁ ନିମ୍ନରେ ହୋଇନଥିବ ତଥା କମିଶନ୍‌ଙ୍କୁ ସେହି ପ୍ରକାର ଅଧିକାରୀ ଓ କର୍ମଚାରୀମାନ ଯୋଗାଇ ଦେବେ, ଯହାକି କମିଶନ୍‌ଙ୍କ ପକ୍ଷେ ସୁଚାରୁ କାର୍ଯ୍ୟ ପରିଚାଳନା ପାଇଁ ଆବଶ୍ୟକ ।

(୨) କମିଶନ୍‌ଙ୍କ ଯାବତୀୟ ବ୍ୟାପାରସମୂହର ଯଥାବିଧି ସଂପାଦନ ତଥା ଦୈନନ୍ଦିନ ପରିଚାଳନା ପାଇଁ ସଦସ୍ୟ-ସଚିବ ଉତ୍ତରଦାୟୀ ରହିବେ ଏବଂ ସେ ସେହିସବୁ କ୍ଷମତାର ପ୍ରୟୋଗ ଓ ଉପଯୋଗ କରିବେ ଏବଂ ସେହିସବୁ କର୍ତ୍ତବ୍ୟ ସମ୍ପାଦନ କରିବେ ଯାହକି କେନ୍ଦ୍ର ସରକାର ବିହିତ କରିପାରନ୍ତି ।

(୩) କମିଶନ୍‌ଙ୍କ ଉଦ୍ଦେଶ୍ୟ ସଂପାଦନ ପାଇଁ ନିଯୁକ୍ତ ହୋଇଥିବା ସଦସ୍ୟ-ସଚିବ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ପଦବିଧି ଓ ସେବା ସର୍ତ୍ତାବଳୀ ତାହାହିଁ ହେବ ଯାହା କି କେନ୍ଦ୍ର ସରକାର ବିହିତ କରିପାରନ୍ତି ।

**୧୨. ଅନୁଦାନ ଅର୍ଥରାଶିରୁ ବେତନ ଏବଂ ଭତ୍ତାସମୂହ ବହନ କରାଯିବ-**

ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ଧାରା ୧୧ରେ ସୂଚୀତ ହୋଇଥିବା ମତେ ସଦସ୍ୟ-ସଚିବ, ଅନ୍ୟ ଅଧିକାରୀ ଓ କର୍ମଚାରୀଗଣଙ୍କ ପ୍ରାପ୍ୟ ବେତନ, ଭତ୍ତାସମୂହ ଏବଂ ପେନସନ୍ ସମେତ ପ୍ରଶାସନିକ ବ୍ୟୟସମୂହ ଧାରା ୨୭ ଅଧୀନସ୍ଥ ଉପଧାରା (୧)ରେ ସୂଚୀତ ହୋଇଥିବା ଅନୁଦାନ ରାଶିରୁ ବହନ କରାଯିବ ।

## ଅଧ୍ୟାୟ-୩ : କମିଶନ୍‌ଙ୍କ କାର୍ଯ୍ୟବଳୀ ଓ କ୍ଷମତାସମୂହ

**୧୩. କମିଶନ୍‌ଙ୍କ କାର୍ଯ୍ୟବଳୀ-**

(୧) କମିଶନ୍ ନିମ୍ନଲିଖିତ କାର୍ଯ୍ୟାବଳୀ ଭିତରୁ ସବୁଗୁଡିକୁ ବା ଯେ କୌଣସିଟିକୁ ସମ୍ପାଦନ କରିବେ, ଯଥା-

(ଏ) ବାଳୁତ ଅଧିକାରସମୂହର ସୁରକ୍ଷା ପାଇଁ ବର୍ତ୍ତମାନ ପାଇଁ ବଳବତ୍ତର ଥିବା ଯେ କୌଣସି ଆଇନ୍ ଦ୍ୱାରା ବା ଆଇନ୍ ଅଧୀନରେ ସ୍ଥାନିତ ହୋଇଥିବା ପ୍ରତିକାରମୂଳକ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ ଓ ସମୀକ୍ଷା କରିବା ତଥା ସେଗୁଡିକର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ଆଦଶ୍ୟକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା ;

(ବି) ଉପରୋକ୍ତ ପ୍ରତିକାରମୂଳକ ବ୍ୟବସ୍ଥାଗୁଡିକ କିପରି କାର୍ଯ୍ୟକାରୀ ହେଉଛି, ସେ ସମ୍ବନ୍ଧରେ ବର୍ଷକୁ ଥରେ ତଥା କମିଶନ୍ ଉପଯୁକ୍ତ ମନେ କରୁଥିବା ସମୟାନ୍ତରରେ କେନ୍ଦ୍ର ସରକାରଙ୍କ ନିକଟରେ ରି ପୋର୍ଟ ଉପସ୍ଥାପନ କରିବା;

(ସି) ବାଳୁତ ଅଧିକାରର ଉଲ୍ଲଂଘନ ବିଷୟରେ ଅନୁସନ୍ଧାନ କରିବା ତଥା ସଂପୃକ୍ତ କେଶ୍ ଗୁଡିକ ଉପରେ କାର୍ଯ୍ୟବିଧି ଆରମ୍ଭ କରିବା ;

(ଡି) ସନ୍ତ୍ରାସବାଦ, ସାଂପ୍ରଦାୟିକ ହିଂସା, ଦଙ୍ଗା, ପ୍ରାକୃତିକ ବିପର୍ଯ୍ୟୟ, ଘରୋଇ ହିଂସା, ଏଚ୍.ଆଇ.ଭି./ଏଡସ୍, ଚାଲାଣ, ଦୁର୍ବ୍ୟବହାର, ନିର୍ଯ୍ୟାତନା ଓ ଶୋଷଣ, ଅଶ୍ଳୀଳତା ଏବଂ ଯୌନବ୍ୟବସାୟ ଫଳରେ ପ୍ରଭାବିତ ବାଳୁତ ମାନେ ସେମାନଙ୍କର ଅଧିକାର ଉପଭୋଗ କରିବାରୁ ଯେଉଁସବୁ କାରଣରୁ ବଞ୍ଚିତ ହେଉଛନ୍ତି, ସେଗୁଡିକୁ ଅନୁଧ୍ୟାନ କରିବା ତଥା ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା;

(ଇ) ଦୁର୍ଦ୍ଦଶା-ଗ୍ରସ୍ତ ବାଳୁତ, ବଞ୍ଚିତ ଏବଂ ସମସ୍ୟା-କ୍ଲିଷ୍ଟ ବାଳୁତ, ଆଇନ୍ ସହିତ ଦ୍ୱନ୍ଦ୍ୱ-ରତ ବାଳୁତ ଏବଂ କିଶୋର, ପରିବାର-ହରା ବାଳୁତ ଏବଂ ବନ୍ଦୀମାନଙ୍କ ସନ୍ତାନଙ୍କ ସମେତ ସେହିସବୁ ବାଳୁତ, ଯେଉଁମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ଏବଂ ସୁରକ୍ଷାର ଆବଶ୍ୟକ ଅଛି, ସେମାନଙ୍କ ସମ୍ବନ୍ଧୀତ ବିଷୟଗୁଡିକୁ ଅନୁଧ୍ୟାନ କରିବା ତଥା ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା;

(ଏଫ୍) ବାଳୁତ ଅଧିକାର ସଂପର୍କୀତ ବିଭିନ୍ନ ନିବନ୍ଧ ଏବଂ ଅନ୍ୟ ସବୁ ଆନ୍ତର୍ଜାତିକ ବିଧିବିଧାନ ଗୁଡିକୁ ଅଧ୍ୟୟନ କରିବା ଏବଂ ବାଳୁତ ଅଧିକାର ସଂପର୍କୀତ ନୀତିସମୂହ, କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ କାର୍ଯ୍ୟାବଳୀକୁ ସମୟାନ୍ତରରେ ସମୀକ୍ଷା କରିବା ତଥା ବାଳୁତମାନଙ୍କ ସର୍ବୋତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେଗୁଡିକର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ସୁପାରିଶ୍ ପ୍ରଦାନ କରିବା;

(ଜି) ବାଳୁତ ଅଧିକାର ବିଷୟରେ ଗବେଷଣା ଆୟୋଜନ କରିବା ଏବଂ ଏହାକୁ ପ୍ରୋତ୍ସାହନ ଦେବା;

(ଏଚ୍) ଲେଖା ପ୍ରକାଶ, ଗଣମାଧ୍ୟମ, ଆଲୋଚନା ଚକ୍ର ଏବଂ ଉପଲବ୍ଧ ଥିବା ଅନ୍ୟାନ୍ୟ ମାଧ୍ୟମରେ ସମାଜର ବିଭିନ୍ନ ଜନଗୋଷ୍ଠୀ ଭିତରେ ବାଳୁତ ଅଧିକାର ସମ୍ବନ୍ଧରେ ଧାରଣାର ପ୍ରସାର କରିବା ତଥା ବାଳୁତ ଅଧିକାରସମୂହର ସୁରକ୍ଷା ପାଇଁ ଉପଲବ୍ଧ ଥିବା ପ୍ରତିକାର ମାର୍ଗଗୁଡିକ ସମ୍ବନ୍ଧରେ  ସଚେତନତା ବୃଦ୍ଧିକୁ ପ୍ରୋତ୍ସାହନ ଦେବା;

(ଆଇ) କୌଣସି ସାମାଜିକ ସଂଗଠନ ଦ୍ୱାରା ପରିଚାଳିତ ସଂସ୍ଥା ସମେତ କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାର ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ ଥିବା କୌଣସି କିଶୋର ଅଭିରକ୍ଷା ଗୃହ ବା ବାଳୁତ ମାନଙ୍କ ପାଇଁ ଉଦ୍ଦିଷ୍ଟ ରହଣି ସ୍ଥାନ ବା ସଂସ୍ଥା, ଯେଉଁଠାରେ ବାଳୁତମାନଙ୍କୁ ଯତ୍ନ, ସଂଶୋଧନ ବା ସୁରକ୍ଷା ପାଇଁ ଅଟକ ରଖାଯାଇଥାଏ ବା ଆଶ୍ରୟ ଦିଆଯାଇଥାଏ, ସେଗୁଡିକୁ ନିଜେ ନିରୀକ୍ଷଣ କରିବା ବା ନିରୀକ୍ଷଣ କରାଇବା ତଥା ଆବଶ୍ୟକ ଅନୁଯାୟୀ ପ୍ରତିକାରମୂଳକ ପଦକ୍ଷେପ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଷ କରିବା;

(ଜେ) ଆଗତ ଅଭିଯୋଗଗୁଡିକ ଉପରେ ଅନୁସନ୍ଧାନ କରିବା ତଥା ନିମ୍ନୋକ୍ତ ବିଷୟଗୁଡିକ ସହ ସଂପର୍କୀତ କୌଣସି ବ୍ୟାପାରକୁ ନିଜ ତରଫରୁ ଧ୍ୟାନ ଦେବା -

(୧) କୌଣସି ବାଳୁତ ଅଧିକାରରୁ କାହାରିକୁ ବଞ୍ଚିତ କରିବା ବା କୋଣସି ବାଳୁତ ଅଧିକାରକୁ ଉଲ୍ଲଂଘନ କରିବା;

(୨) ବାଳୁତମାନଙ୍କର ସୁରକ୍ଷା ଓ ବିକାଶ ପାଇଁ ଉଦ୍ଦିଷ୍ଟ ଆଇନ୍ ଗୁଡିକୁ କାର୍ଯ୍ୟକାରୀ ନକରିବା;

(ଘ) ବାଳୁତମାନଙ୍କ ଉପରେ ବୋଝ ଲାଘବ କରିବା ତଥା ସେମାନଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା ଏବଂ ତଦ୍ୱାରା ସଂପୃକ୍ତ ବାଳୁତମାନଙ୍କର ଉପଶମ ଘଟାଇବା ଉଦ୍ଦେଶ୍ୟରେ ଜାରି କରାଯାଇଥିବା ନୀତିଗତ ସିଦ୍ଧାନ୍ତସମୂହ, ମାର୍ଗଦର୍ଶୀକା ବା ନିର୍ଦ୍ଦେଶାବଳୀର ଅନୁପାଳନ ନକରିବା,

କିମ୍ବା ଏହିସବୁ ବିଷୟଗୁଡ଼ିକ କାରଣରୁ ଉପୁଜିଥିବା ପ୍ରସଙ୍ଗ ଉପରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଷ କରିବା; ଏବଂ

(କେ) କମିଶନ୍ ଆବଶ୍ୟକ ମନେ କଲେ ବାଳୁତ ଅଧିକାରସମୂହକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ତଥା ଉପରୋକ୍ତ କାର୍ଯ୍ୟାବଳୀର ଆନୁଷଙ୍ଗିକ ଅନ୍ୟ କୌଣସି ବିଷୟ ଉପରେ କାର୍ଯ୍ୟ ସଂପାଦନ କରିପାରନ୍ତି ।

(୨) ରାଜ୍ୟ କମିଶନ୍ ବା ବର୍ତ୍ତମାନ ବଳବତ୍ତର ଥିବା କୋଣସି ଆଇନ୍ ଅଧୀନରେ ଗଠିତ ହୋଇଥିବା ଅନ୍ୟ କୌଣସି କମିଶନ୍ ନିକଟରେ ଯଦି କୌଣସି ବିଷୟ ବିଚାରାଧୀନ ଥାଏ, ତେବେ କମିଶନ୍ ସେ ବିଷୟରେ ଅନୁସନ୍ଧାନ କରିବ ନାହିଁ ।

**୧୪. ଅନୁସନ୍ଧାନ ସଂପର୍କୀତ କ୍ଷମତାସମୂହ-**

(୧) ଧାରା ୧୩ ଅଧୀନସ୍ଥ ଉପଧାରା (୧)ର ଅଣ-ଉପଧାରା (ଜେ)ରେ ସୂଚୀତ ହୋଇଥିବା କୌଣସି ବିଷୟରେ କମିଶନ୍ ଅନୁସନ୍ଧାନ କଲାବେଳେ ଦେଓ୍ୱାନି କାର୍ଯ୍ୟବିଧି ସଂହିତା, ୧୯୦୮ ଅଧୀନରେ ଏକ ମକଦ୍ଦମା ବିଚାର କରୁଥିବା ସମୟରେ ଗୋଟିଏ ଦେଓ୍ୱାନି ଅଦାଲତର ଯେଉଁସବୁ କ୍ଷମତା ଥାଏ, କମିଶନ୍ ମଧ୍ୟ ସେହି କ୍ଷମତାବଳୀର ଅଧିକାରୀ ରହିବେ, ଏବଂ ବିଶେଷ କରି ନିମ୍ନୋକ୍ତ ବ୍ୟାପାରରେ ତାହା ପ୍ରୟୋଗ କରିପାରିବେ, ଯଥା : -

(ଏ) ସଂପୃକ୍ତ ବ୍ୟକ୍ତିଙ୍କୁ ସମନ୍ କରି ତାଙ୍କ ହାଜିରାକୁ ସୁନିଶ୍ଚିତ କରିବା ତଥା ସେହି ବ୍ୟକ୍ତିଙ୍କୁ ଶପଥପାଠ କରାଇ ଜେରା କରିବା;

(ବି) କୌଣସି ଏକ ଦଲିଲ୍‌କୁ ଖୋଜି ବାହାର କରିବା ଓ ପେଶ୍ କରିବା;

(ସି) ଆଫିଡେଭିଟ୍ ଜରିଆରେ ସାକ୍ଷ୍ୟ ଗ୍ରହଣ କରିବା;

(ଡି) ଯେ କୌଣସି କୋର୍ଟ ବା ଅଫିସ୍‌ରୁ କୌଣସି ଏକ ସର୍ବସାଧାରଣ ରେକର୍ଡ ବା ତହିଁର ନକଲ ତଲବ୍ କରିବା; ଏବଂ

(ଇ) ସାକ୍ଷୀମାନଙ୍କୁ ଜେରା ଏବଂ ନଥିପତ୍ରଗୁଡ଼ିର ପରୀକ୍ଷଣ ପାଇଁ ସମନ୍ ଜାରି କରିବା ।

(୨) କୌଣସି ଏକ କେଶ୍‌କୁ ସେହିଭଳି ଜଣେ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରିବା ପାଇଁ କମିଶନ୍‌ଙ୍କର କ୍ଷମତା ରହିବ, ଯାହାଙ୍କର ଏଭଳି କେଶ୍ ବିଚାର କରିବା ପାଇଁ କ୍ଷେତ୍ରାଧିକାର ରହିଛି ଏବଂ ଯେଉଁ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଉକ୍ତ କେଶ୍ ଅଭିପ୍ରେରଣ କରାଯାଇଛି, ସେ ସଂପୃକ୍ତ ଆସାମୀଙ୍କ ବିରୁଦ୍ଧରେ ଦାଏର୍ ହୋଇଥିବା ଅଭିଯୋଗକୁ ଏପରି ଶୁଣାଣି କରିବେ ଯେପରି କି ଫୌଜଦାରି କାର୍ଯ୍ୟବିଧି ସଂହିତା ୧୯୭୩ର ଦଫା ୩୪୬ ଅଧୀନରେ ତାଙ୍କ ପାଖକୁ ଏକ କେଶ୍ ଶୁଣାଣି ପାଇଁ ଅଭିପ୍ରେରଣ କରାଯାଇଥାଏ ।

**୧୫. ଅନୁସନ୍ଧାନର ପରବର୍ତ୍ତୀ ପଦକ୍ଷେପସମୂହ:**

ଏହି ଆଇନ୍ ଅଧୀନରେ ଏକ ଅନୁସନ୍ଧାନ ସମାପ୍ତ ହେବା ପରେ କମିଶନ୍ ନିମ୍ନଲିଖିତ ପଦକ୍ଷେପସମୂହ ଭିତରୁ ଯେ କୌଣସି ପଦକ୍ଷେପ ଗ୍ରହଣ କରିପାରନ୍ତି, ଯଥା-

(୧) ଯଦି ଅନୁସନ୍ଧାନ ଫଳରେ ଏକଥା ଜଣାପଡେ ଯେ, ବାଳୁତ ଅଧିକାରସମୂହର ଗୁରୁତର ବିରୁଦ୍ଧାଚରଣ କରାଯାଇଛି ଅଥବା ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନ୍‌ର ବ୍ୟବସ୍ଥାଗୁଡ଼ିକର ଉଲ୍ଲଂଘନ କରାଯାଇଛି ତେବେ କମିଶନ୍ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ ଆବଶ୍ୟକୀୟ ଅଭିଯୋଜନର କାର୍ଯ୍ୟବିଧି ଆରମ୍ଭ କରିବା ପାଇଁ ଅଥବା ସଂପୃକ୍ତ ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ନିଜେ ଉପଯୁକ୍ତ ମନେ କରୁଥିବା ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିଶ୍ କରିପାରନ୍ତି ।

(୨) ଯେଉଁସବୁ ନିର୍ଦ୍ଦେଶ, ଆଦେଶ ଏବଂ ରିଟ୍ ଜାରି କରିବା ଆବଶ୍ୟକ ବୋଲି ସଂପୃକ୍ତ କୋର୍ଟ ମନେ କରିବେ, ସେଗୁଡିକ ଜାରି କରିବା ପାଇଁ ସୁପ୍ରିମ୍ କୋର୍ଟ ଓ ସଂପୃକ୍ତ ହାଇକୋର୍ଟଙ୍କ ଆଶ୍ରୟ ଲୋଡିବା;

(୩) କମିଶନ୍‌ଙ୍କ ବିବେଚନାରେ ଯଦି ନିର୍ଯ୍ୟାତିତ ବା ତାଙ୍କର ପରିବାର ସଦସ୍ୟମାନଙ୍କୁ ଅନ୍ତର୍ବର୍ତ୍ତୀ ଉପଶମ ମଞ୍ଜୁରି କରିବା ଦରକାର ପଡେ, ତେବେ ସେଥିପାଇଁ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ ସୁପାରିଶ୍ କରିବା ।

**୧୬. କମିଶନ୍‌ଙ୍କର ବାର୍ଷିକ ଏବଂ ସ୍ୱତନ୍ତ୍ର ରିପୋର୍ଟ ସମୂହ-**

(୧) କମିଶନ୍ କେନ୍ଦ୍ର ସରକାର ଏବଂ ସଂପୃକ୍ତ ରାଜ୍ୟସରକାରଙ୍କୁ ଏକ ବାର୍ଷିକ ରିପୋର୍ଟ ଦାଖଲ କରିବେ ଏବଂ ଯଦି କମିଶନ୍‌ଙ୍କ ମତରେ ଏଭଳି ଏକ ଜରୁରୀ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଛି, ଯାହା ସମ୍ବନ୍ଧରେ ରିପୋର୍ଟ ଦାଖଲକୁ ବାର୍ଷିକ ରିପୋର୍ଟ ପର୍ଯ୍ୟନ୍ତ ସ୍ଥଗିତ କରାଯିବା ଉଚିତ୍ ନୁହେଁ ତେବେ କମିଶନ୍ ଯେ କୌଣସି ସମୟରେ ଏଭଳି ରିପୋର୍ଟ ଦାଖଲ କରିପାରନ୍ତି ।

(୨) କମିଶନ୍‌ଙ୍କ ବାର୍ଷିକ ଓ ସ୍ୱତନ୍ତ୍ର ରିପୋର୍ଟଗୁଡିକୁ ଯଥାସ୍ଥିତି କେନ୍ଦ୍ର ସରକାର ଓ ସଂପୃକ୍ତ ରାଜ୍ୟ ସରକାର ରିପୋର୍ଟ ମିଳିବାର ବର୍ଷକ ଭିତରେ ଯଥାକ୍ରମେ ସଂସଦର ପ୍ରତି ଗୃହରେ ଏବଂ ରାଜ୍ୟ ଆଇନ୍ ସଭାରେ ଉପସ୍ଥାପନ କରାଇବେ ଏବଂ ଏଥିସହିତ କମିଶନ୍‌ଙ୍କ ସୁପାରିଶ୍ ଉପରେ ଗୃହୀତ ବା ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ଉପରେ ଏକ ସ୍ମାରକ ପତ୍ର ସଂଲଗ୍ନ ହୋଇଥିବ ତଥା ଯଦି କୌଣସି ସୁପାରିଶ୍‌କୁ ଅଗ୍ରାହ୍ୟ ମନେ କରାଯାଇଥାଏ, ତେବେ ତହିଁର କାରଣ ଦର୍ଶୀତ ହୋଇଥିବ ।

(୩) ବାର୍ଷିକ ରିପୋର୍ଟ ଏଭଳି ରୀତି ଏବଂ ପଦ୍ଧତିରେ ପ୍ରସ୍ତୁତ ହୋଇଥିବ ତଥା ଏଥିରେ ଏଭଳି ସବୁ ସବିଶେଷ ସୂଚନା ସ୍ଥାନିତ ହୋଇଥିବ ଯାହାକି କେନ୍ଦ୍ର ସରକାର ବିହିତ କରିପାରନ୍ତି ।

## ଅଧ୍ୟାୟ-୪ : ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍

**୧୭. ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍‌ର ଗଠନ-**

(୧) ଏହି ଅଧ୍ୟାୟ ଅଧୀନରେ ରାଜ୍ୟ କମିଶନ୍‌ଙ୍କ ଉପରେ ନ୍ୟସ୍ତ ହୋଇଥିବା କ୍ଷମତାବଳୀର ପ୍ରୟୋଗ ଓ ଦାୟିତ୍ୱାବଳୀର ସମ୍ପାଦନ ପାଇଁ ଗୋଟିଏ ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଏକ ସଂସ୍ଥା ଗଠନ କରିବେ ଯାହାର ନାମ ହେବ ରାଜ୍ୟ (ରାଜ୍ୟର ନାମ ଲେଖାହେବ) ବାଳୁତ ଅଧିକାର ସୁରକ୍ଷା କମିଶନ୍ ।

(୨) ଏହି କମିଶନ୍ ନିମ୍ନୋକ୍ତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ, ଯଥା-

(ଏ) ଜଣେ ଅଧ୍ୟକ୍ଷ, ଯେ କି ଜଣେ ବିଶିଷ୍ଟ ବ୍ୟକ୍ତି ହୋଇଥିବେ ତଥା ବାଳୁତ କଲ୍ୟାଣକୁ ପ୍ରୋତ୍ସାହନ ଦେବା ପାଇଁ ମହନୀୟ କାର୍ଯ୍ୟ କରିଥିବେ ।

(ବି) ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଅନ୍ତତଃ ଦୁଇଜଣ ମହିଳାଙ୍କ ସମେତ ଛ ଜଣ ସଦସ୍ୟ, ଯାହାଙ୍କର ନିମ୍ନୋକ୍ତ କ୍ଷେତ୍ରରେ ସୁନାମ, ଦକ୍ଷତା, ନିଷ୍ଠା, ପ୍ରତିଷ୍ଠା ଏବଂ ଅଭିଜ୍ଞତା ଥିବ -

(୧) ଶିକ୍ଷା ;

(୨) ଶିଶୁ ସ୍ୱାସ୍ଥ୍ୟ, ଯତ୍ନ, କଲ୍ୟାଣ ବା ଶିଶୁ ବିକାଶ ;

(୩) କିଶୋର ନ୍ୟାୟ ବା ଅବହେଳିତ ଓ ଉପେକ୍ଷିତ ବାଳୁତଙ୍କ ଯତ୍ନ ବା ପଙ୍ଗୁତା-ଗ୍ରସ୍ଥ ବାଳୁତ ;

(୪) ବାଳୁତ ଶ୍ରମର ନିରାକରଣ ବା ଦୁର୍ଦ୍ଦଶା-ଗ୍ରସ୍ଥ ବାଳୁତ ;

(୫) ବାଳୁତ ମନସ୍ତତ୍ତ୍ୱ ବା ସମାଜ ବିଜ୍ଞାନ ; ଏବଂ

(୬) ବାଳୁତ ସଂପର୍କୀୟ ବିଧିବିଧାନ ।

(୩) ରାଜ୍ୟ କମିଶନ୍‌ଙ୍କ ମୁଖ୍ୟ କାର୍ଯ୍ୟାଳୟ ସେହି ସ୍ଥାନରେ ଅବସ୍ଥିତ ହେବ ଯାହାକି ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ନିର୍ଦ୍ଧାରଣ କରିପାରନ୍ତି ।

**୧୮. ଅଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନଙ୍କର ନିଯୁକ୍ତି-**

ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଅଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନଙ୍କୁ ନିଯୁକ୍ତ କରିବେ:

ପରନ୍ତୁ, ବାଳୁତ ବ୍ୟାପାର ଦେଖାଶୁଣା କରୁଥିବା ବିଭାଗର ଦାୟିତ୍ୱନିର୍ବାହୀ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ ୩ ଜଣିଆ ଚୟନ କମିଟିଙ୍କ ସୁପାରିଶ୍ କ୍ରମେ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଯିବ ।

**୧୯. ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର କାର୍ଯ୍ୟକାଳ ଏବଂ ସେବା ସର୍ତ୍ତାବଳୀ-**

(୧) ପଦଗ୍ରହଣ ତାରିଖ ଠାରୁ ୩ ବର୍ଷ ପାଇଁ ଅଧ୍ୟକ୍ଷ ଏବଂ ପ୍ରତି ସଦସ୍ୟ ନିଜ ପଦବୀ ନିର୍ବାହ କରିବେ:

ପରନ୍ତୁ କୌଣସି ଅଧ୍ୟକ୍ଷ ବା ସଦସ୍ୟ ଦୁଇଥର ଠାରୁ ଅଧିକ ସମୟ ପାଇଁ ପଦବୀରେ ରହିବେ ନାହିଁ:

ପୁଣି ପରନ୍ତୁ,କୌଣସି ଅଧ୍ୟକ୍ଷ ବା ଅନ୍ୟ କୋଣସି ସଦସ୍ୟ ନିଜ ପଦବୀରେ ରହି ପାରିବେ ନାହିଁ, ଯଦି-

(ଏ) ସେ ଅଧ୍ୟକ୍ଷ ହୋଇ ୬୫ ବର୍ଷରେ ପହଞ୍ଚିଥାନ୍ତି ; ଏବଂ

(ବି) ସେ ସଦସ୍ୟ ହୋଇ ୬୦ବର୍ଷରେ ପହଞ୍ଚିଥାନ୍ତି ।

(୨) ଅଧ୍ୟକ୍ଷ ବା ଜଣେ ସଦସ୍ୟ ଯେ କୌଣସି ସମୟରେ ରାଜ୍ୟ ସରକାରଙ୍କୁ ସମ୍ବୋଧନ କରି ସ୍ୱହସ୍ତରେ ଲିଖିତ ପତ୍ର ମାଧ୍ୟମରେ ନିଜ ପଦବୀରୁ ଇସ୍ତଫା ଦେଇ ପାରନ୍ତି ।

**୨୦. ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ବେତନ ଏବଂ ଭତ୍ତାସମୂହ-**

ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ପଦବିଧି ଓ ସେବା ସର୍ତ୍ତାବଳୀ ତାହାହିଁ ହେବ ଯାହା କି ରାଜ୍ୟ ସରକାର ବିହିତ କରିପାରନ୍ତି :

ପରନ୍ତୁ ଯଥାସ୍ଥିତି ଅଧ୍ୟକ୍ଷ ବା ଅନ୍ୟ କୋଣସି ସଦସ୍ୟଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ପଦବିଧି ଓ ସେବା ସର୍ତ୍ତାବଳୀକୁ ନିଯୁକ୍ତି ପରେ ତାଙ୍କର ହାନି ହେଲା ଭଳି ରୀତିରେ ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

**୨୧. ରାଜ୍ୟ କମିଶନ୍‌ଙ୍କ ସଚିବ, ଅଧିକାରୀଗଣ ଏବଂ ଅନ୍ୟ କର୍ମଚାରୀଗଣ-**

(୧) ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଏଭଳି ଜଣେ ଅଧିକାରୀଙ୍କୁ ରାଜ୍ୟ କମିଶନ୍‌ଙ୍କ ସଚିବ ରୂପେ ନିଯୁକ୍ତ କରିବେ, ଯାହାଙ୍କର ପାହ୍ୟା ରାଜ୍ୟ ସରକାରଙ୍କ ସଚିବ ଠାରୁ ନିମ୍ନରେ ହୋଇନଥିବ ତଥା ରାଜ୍ୟ କମିଶନ୍‌ଙ୍କୁ ସେହି ପ୍ରକାର ଅଧିକାରୀ ଓ କର୍ମଚାରୀମାନ ଯୋଗାଇ ଦେବେ, ଯାହାକି କମିଶନ୍‌ଙ୍କ ପକ୍ଷେ ସୁଚାରୁ କାର୍ଯ୍ୟ ପରିଚାଳନା ପାଇଁ ଆବଶ୍ୟକ ।

(୨) ରାଜ୍ୟ କମିଶନ୍‌ଙ୍କ ଯାବତୀୟ ବ୍ୟାପାରସମୂହର ଯଥାବିଧି ସଂପାଦନ ତଥା ଦୈନନ୍ଦିନ ପରିଚାଳନା ପାଇଁ ସଚିବ ଉତ୍ତରଦାୟୀ ରହିବେ ଏବଂ ସେ ସେହିସବୁ କ୍ଷମତାର ପ୍ରୟୋଗ ଓ ଉପଯୋଗ କରିବେ ଏବଂ ସେହିସବୁ କର୍ତ୍ତବ୍ୟ ସମ୍ପାଦନ କରିବେ ଯାହକି ରାଜ୍ୟ ସରକାର ବିହିତ କରିପାରନ୍ତି ।

(୩) ରାଜ୍ୟ କମିଶନ୍‌ଙ୍କ ଉଦ୍ଦେଶ୍ୟ ସଂପାଦନ ପାଇଁ ନିଯୁକ୍ତ ହୋଇଥିବା ସଚିବ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ପଦବିଧି ଓ ସେବା ସର୍ତ୍ତାବଳୀ ତାହାହିଁ ହେବ ଯାହା କି ରାଜ୍ୟ ସରକାର ବିହିତ କରିପାରନ୍ତି ।

**୨୨. ଅନୁଦାନ ଅର୍ଥରାଶିରୁ ବେତନ ଏବଂ ଭତ୍ତାସମୂହ ବହନ କରାଯିବ-**

ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ଧାରା ୨୧ରେ ସୂଚୀତ ହୋଇଥିବା ମତେ ସଚିବ, ଅନ୍ୟ ଅଧିକାରୀ ଓ କର୍ମଚାରୀଗଣଙ୍କ ପ୍ରାପ୍ୟ ବେତନ, ଭତ୍ତାସମୂହ ଏବଂ ପେନସନ୍ ସମେତ ପ୍ରଶାସନିକ ବ୍ୟୟସମୂହ ଧାରା ୨୮ ଅଧୀନସ୍ଥ ଉପଧାରା (୧)ରେ ସୂଚୀତ ହୋଇଥିବା ଅନୁଦାନ ରାଶିରୁ ବହନ କରାଯିବ ।

**୨୩. ରାଜ୍ୟ କମିଶନ୍‌ଙ୍କର ବାର୍ଷିକ ଏବଂ ସ୍ୱତନ୍ତ୍ର ରିପୋର୍ଟ ସମୂହ-**

(୧) ରାଜ୍ୟ କମିଶନ୍ ରାଜ୍ୟ ସରକାରଙ୍କୁ ଏକ ବାର୍ଷିକ ରିପୋର୍ଟ ଦାଖଲ କରିବେ ଏବଂ ଯଦି କମିଶନ୍‌ଙ୍କ ମତରେ ଏଭଳି ଏକ ଜରୁରୀ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଛି, ଯାହା ସମ୍ବନ୍ଧରେ ରିପୋର୍ଟ ଦାଖଲକୁ ବାର୍ଷିକ ରିପୋର୍ଟ ପର୍ଯ୍ୟନ୍ତ ସ୍ଥଗିତ କରାଯିବା ଉଚିତ୍ ନୁହେଁ ତେବେ କମିଶନ୍ ଯେ କୌଣସି ସମୟରେ ଏଭଳି ସ୍ୱତନ୍ତ୍ର ରିପୋର୍ଟ ଦାଖଲ କରିପାରନ୍ତି ।

(୨) ଉପଧାରା (୧)ରେ ସୂଚୀତ ହୋଇଥିବା ସମସ୍ତ ରିପୋର୍ଟଗୁଡିକୁ ରାଜ୍ୟ ସରକାର ଯଦି ରାଜ୍ୟ ଆଇନ୍ ସଭା ଦୁଇଟି ଗୃହକୁ ନେଇ ଗଠିତ ହୋଇଥାଏ ତେବେ ଦୁଇଟି ଗୃହରେ, ଅନ୍ୟଥା ଯଦି ଏହା କେବଳ ଗୋଟିଏ ଗୃହକୁ ନେଇ ଗଠିତ ହୋଇଥାଏ ତେବେ ସେହି ଗୋଟିଏ ଗୃହରେ ଉପସ୍ଥାପନ କରାଇବେ ଏବଂ ଏଥିସହିତ ରାଜ୍ୟ ସଂପର୍କୀତ ସୁପାରିଶ୍ ଉପରେ ଗୃହୀତ ବା ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ଉପରେ ଏକ ସ୍ମାରକ ପତ୍ର ସଂଲଗ୍ନ ହୋଇଥିବ ତଥା ଯଦି କୌଣସି ସୁପାରିଶ୍‌କୁ ଅଗ୍ରାହ୍ୟ ମନେ କରାଯାଇଥାଏ, ତେବେ ତହିଁର କାରଣ ଦର୍ଶୀତ ହୋଇଥିବ ।

(୩) ବାର୍ଷିକ ରିପୋର୍ଟ ଏଭଳି ରୀତି ଏବଂ ପଦ୍ଧତିରେ ପ୍ରସ୍ତୁତ ହୋଇଥିବ ତଥା ଏଥିରେ ଏଭଳି ସବୁ ସବିଶେଷ ସୂଚନା ସ୍ଥାନିତ ହୋଇଥିବ ଯାହାକି ରାଜ୍ୟ ସରକାର ବିହିତ କରିପାରନ୍ତି ।

**୨୪. ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ ସଂପର୍କୀତ କେତେକ ବ୍ୟବସ୍ଥା ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ ପ୍ରତି ପ୍ରଯୁଜ୍ୟ-**

ଧାରା ୭,୮,୯, ୧୦, ଧାରା ୧୩ ଅନ୍ତର୍ଗତ ଉପଧାରା (୧) ଏବଂ ଧାରା ୧୪ ଓ ୧୫ ଅଧୀନରେ ଥିବା ବ୍ୟବସ୍ଥାସମୂହ ରାଜ୍ୟ କମିଶନ୍‌ଙ୍କ ପ୍ରତି ପ୍ରଯୁଜ୍ୟ ରହିବ ଏବଂ ସେଗୁଡିକ ନିମ୍ନୋକ୍ତ ସଂଶୋଧନଗୁଡିକ ଅଧୀନରେ ରହି ପ୍ରଭାବ ବହନ କରିବ, ଯଥା-

(ଏ) ଯେଉଁଠି 'କମିଶନ୍' ସୂଚୀତ ହୋଇଛି, ସେଠାରେ 'ରାଜ୍ୟ କମିଶନ୍' ସୂଚୀତ ହୋଇଛି ବୋଲି ବୁଝିବାକୁ ପଡିବ ;

(ବି) ଯେଉଁଠି 'କେନ୍ଦ୍ର ସରକାର' ସୂଚୀତ ହୋଇଛି, ସେଠାରେ 'ରାଜ୍ୟ ସରକାର' ସୂଚୀତ ହୋଇଛି ବୋଲି ବୁଝିବାକୁ ପଡିବ ; ଏବଂ

(ସି) ଯେଉଁଠି 'ସଦସ୍ୟ ସଚିବ' ସୂଚୀତ ହୋଇଛି, ସେଠାରେ 'ସଚିବ' ସୂଚୀତ ହୋଇଛି ବୋଲି ବୁଝିବାକୁ ପଡିବ ।

## ଅଧ୍ୟାୟ-୫ : ବାଳୁତ ଅଦାଲତ

**୨୫. ବାଳୁତ ଅଦାଲତ-**

ବାଳୁତଙ୍କ ବିରୁଦ୍ଧରେ ଅପରାଧସମୂହ ବା ବାଳୁତ ଅଧିକାରସମୂହର ଉଲ୍ଲଂଘନ ମାମଲାଗୁଡିକର ଦ୍ରୁତ ବିଚାର ଉଦ୍ଦେଶ୍ୟରେ ରାଜ୍ୟ ସରକାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହମତି କ୍ରମେ ବିଜ୍ଞପ୍ତି ବଳରେ ରାଜ୍ୟରେ ଉକ୍ତ ଅପରାଧଗୁଡିକର ବିଚାର ନିମନ୍ତେ ଅନ୍ତତଃ ଗୋଟିଏ ଅଦାଲତ ବା ପ୍ରତି ଜିଲ୍ଲା ପାଇଁ ଗୋଟିଏ କରି ଦୌରା ଅଦାଲତକୁ ବାଳୁତ ଅଦାଲତ ବୋଲି ବିନିର୍ଦ୍ଦିଷ୍ଟ କରିପାରନ୍ତି :

ପରନ୍ତୁ ଏହି ଧାରାରେ ଥିବା କୌଣସି ବ୍ୟବସ୍ଥା ପ୍ରଯୁଜ୍ୟ ହେବନାହିଁ, ଯଦି –

(ଏ) ଗୋଟିଏ ଦୌରା ଅଦାଲତକୁ ଏକ ସ୍ୱତନ୍ତ୍ର ଅଦାଲତ ଭାବେ ଘୋଷଣା କରାଯାଇଥାଏ; ବା

(ବି) ଗୋଟିଏ ସ୍ୱତନ୍ତ୍ର ଅଦାଲତ ଗଠିତ ହୋଇସାରିଛି,

ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅଧୀନରେ ସେପରି ଅପରାଧଗୁଡିକର ବିଚାର ପାଇଁ ।

**୨୬. ସ୍ୱତନ୍ତ୍ର ସର୍ବସାଧାରଣ ଅଭିଯୋଜକ-**

ପ୍ରତି ବାଳୁତ ଅଦାଲତ ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଏଭଳି ଜଣେ ସର୍ବସାଧାରଣ ଅଭିଯୋଜକଙ୍କୁ ବିନିର୍ଦ୍ଦିଷ୍ଟ କରିବେ ବା ଏଭଳି ଜଣେ ଓକିଲଙ୍କୁ ନିଯୁକ୍ତ କରିବେ, ଯେ କି ଜଣେ ଓକିଲ ଭାବେ ଅନ୍ତତଃ ୭ବର୍ଷର ଅଭିଜ୍ଞତା ଅର୍ଜନ କରିଥିବେ ଏବଂ ଅଦାଲତରେ ମୋକଦ୍ଦମା ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଭିଯୋଜକ ଭାବେ ଭୂମିକା ସମ୍ପାଦନ କରିଥିବେ ।

## ଅଧ୍ୟାୟ-୬ : ଅର୍ଥ, ହିସାବ ଏବଂ ଅଡିଟ୍

**୨୭. କେନ୍ଦ୍ର ସରକାରଙ୍କ ଅନୁଦାନ-**

(୧) ସଂସଦ ଦ୍ୱାରା ବିଧି ମତେ ସଂପୃକ୍ତ ଉଦ୍ଦେଶ୍ୟ ପାଇଁ ଅର୍ଥ ସଂଗ୍ରହଣ ହେଲା ପରେ କେନ୍ଦ୍ର ସରକାର ଅନୁଦାନ ଆକାରରେ କମିଶନ୍‌ଙ୍କୁ ସେହି ପରିମାଣର ଅର୍ଥରାଶି ପ୍ରଦାନ କରିବେ ଯାହାକି ଏହି ଆଇନ୍ ଅଧୀନରେ ବିନିଯୋଗ ପାଇଁ ଯଥୋଚିତ ବୋଲି କେନ୍ଦ୍ର ସରକାର ବିବେଚନା କରନ୍ତି ।

(୨) ଏହି ଆଇନ୍ ଅଧୀନରେ ନିଜର କାର୍ଯ୍ୟାବଳୀ ସମ୍ପାଦନ ପାଇଁ ଯେତିକି ପରିମାଣର ଅର୍ଥରାଶି ଯଥୋଚିତ ବୋଲି କମିଶନ୍ ଅନୁଭବ କରିବେ ତାହା ସେ ଖର୍ଚ୍ଚ କରିପାରନ୍ତି ଏବଂ ଏହି ଖର୍ଚ୍ଚରାଶିକୁ

ଉପଧାରା (୧)ରେ ସୂଚୀତ ହୋଇଥିବା ଅନୁଦାନ ଭିତରୁ ପ୍ରଦେୟ ଅର୍ଥରାଶି ବୋଲି ବିବେଚେନା କରାଯିବ ।

**୨୮. ରାଜ୍ୟ ସରକାରଙ୍କ ଅନୁଦାନ-**

(୧) ଆଇନ୍‌ସଭା ଦ୍ୱାରା ବିଧି ମତେ ସଂପୃକ୍ତ ଉଦ୍ଦେଶ୍ୟ ପାଇଁ ଅର୍ଥ ସଂଗ୍ରହଣ ହେଲା ପରେ ରାଜ୍ୟ ସରକାର ଅନୁଦାନ ଆକାରରେ ରାଜ୍ୟ କମିଶନ୍‌ଙ୍କୁ ସେହି ପରିମାଣର ଅର୍ଥରାଶି ପ୍ରଦାନ କରିବେ ଯାହାକି ଏହି ଆଇନ୍ ଅଧୀନରେ ବିନିଯୋଗ ପାଇଁ ଯଥୋଚିତ ବୋଲି କେନ୍ଦ୍ର ସରକାର ବିବେଚନା କରନ୍ତି ।

(୨) ଏହି ଆଇନ୍‌ର ଅଧ୍ୟା-୩ ଅଧୀନରେ ନିଜର କାର୍ଯ୍ୟାବଳୀ ସମ୍ପାଦନ ପାଇଁ ଯେତିକି ପରିମାଣର ଅର୍ଥରାଶି ଯଥୋଚିତ ବୋଲି ରାଜ୍ୟ କମିଶନ୍ ଅନୁଭବ କରିବେ ତାହା ସେ ଖର୍ଚ୍ଚ କରିପାରନ୍ତି ଏବଂ ଏହି ଖର୍ଚ୍ଚରାଶିକୁ ଉପଧାରା (୧)ରେ ସୂଚୀତ ହୋଇଥିବା ଅନୁଦାନ ଭିତରୁ ପ୍ରଦେୟ ଅର୍ଥରାଶି ବୋଲି ବିବେଚେନା କରାଯିବ ।

**୨୯. କମିଶନ୍‌ଙ୍କ ହିସାବପତ୍ର ଏବଂ ଅଡିଟ୍**

(୧) କମିଶନ୍ ହିସାବପତ୍ର ତଥା ଅନ୍ୟାନ୍ୟ ପ୍ରାସଙ୍ଗିକ ରେକର୍ଡପତ୍ରର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବେ ଏବଂ ଭାରତର ମହା ଅଭିନିୟନ୍ତ୍ରକ ଏବଂ ସମୀକ୍ଷକ (ସି.ଆଣ୍ଡ.ଏ.ଜି.)ଙ୍କ ପରାମର୍ଶ କ୍ରମେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିହିତ ହୋଇଥିବା ରୀତିରେ ଏକ ବାର୍ଷିକ ହିସାବପତ୍ର ବିବରଣୀ ପ୍ରସ୍ତୁତ କରିବେ ।

(୨) ଭାରତର ମହା ଅଭିନିୟନ୍ତ୍ରକ ଏବଂ ସମୀକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସମୟ-ବ୍ୟବଧାନରେ କମିଶନ୍‌ଙ୍କ ହିସାବପତ୍ରର ସମୀକ୍ଷା (ଅଡିଟ୍) ତାଙ୍କ ଦ୍ୱାରା କରାଯିବ ଏବଂ ଏହି ସମୀକ୍ଷା ବାବଦରେ ସି.ଆଣ୍ଡ.ଏ.ଜି.ର ଯାହା କିଛି ଖର୍ଚ୍ଚ ହେବ ତାହା କମିଶନ୍ ଭରଣା କରିବେ ।

(୩) ସି.ଆଣ୍ଡ.ଏ.ଜି. ଏବଂ ଏହି ଆଇନ୍ ଅଧୀନରେ କମିଶନ୍‌ର ହିସାବପତ୍ର ଅଡିଟ୍ ପରିପ୍ରେକ୍ଷୀରେ ତାଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଯେ କୌଣସି ବ୍ୟକ୍ତିଙ୍କର ସେହିସବୁ ଅଧିକାର, ବିଶେଷାଧିକାର ଏବଂ କର୍ତ୍ତୃତ୍ୱ ରହିବ ଯାହାକି ସରକାରୀ ହିସାବପତ୍ର ଅଡିଟ୍ ପରିପ୍ରେକ୍ଷୀରେ ସି.ଆଣ୍ଡ.ଏ.ଜି.ଙ୍କର ଥାଏ, ଏବଂ ବିଶେଷ କରି ଯେ କୌଣସି ଖାତା, ହିସାବ, ସଂପୃକ୍ତ ଭାଉଚର୍ ଏବଂ ଅନ୍ୟାନ୍ୟ ଦଲିଲ୍ ଏବଂ କାଗଜପତ୍ରକୁ ତଲବ୍ କରିବା ତଥା କମିଶନ୍‌ଙ୍କର ଯେ କୌଣସି ଅଫିସ୍‌କୁ ନିରୀକ୍ଷଣ କରିବା ପାଇଁ ସେମାନଙ୍କର ଅଧିକାର ରହିବ ।

(୪) ସି.ଆଣ୍ଡ.ଏ.ଜି. ଏବଂ ତାଙ୍କ ଦ୍ୱାରା ସଂପୃକ୍ତ ଉଦ୍ଦେଶ୍ୟରେ ନିଯୁକ୍ତ ହୋଇଥିବା ଯେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରମାଣୀକୃତ ହୋଇଥିବା କମିଶନ୍‌ଙ୍କ ହିସାବପତ୍ର ଏବଂ ଏହା ସହିତ ତହିଁର ଅଡିଟ୍ ରିପୋର୍ଟ କମିଶନ୍‌ଙ୍କ ଦ୍ୱାରା ବର୍ଷକୁ ଥରେ କେନ୍ଦ୍ର ସରକାରଙ୍କ ନିକଟକୁ ଅଭିପ୍ରେରଣ କରାଯିବ ଏବଂ କେନ୍ଦ୍ର ସରକାର ଉକ୍ତ ଅଡିଟ୍ ରିପୋର୍ଟ ମିଳିବା ପରେ ଯଥାଶୀଘ୍ର ଏହାକୁ ସଂସଦର ପ୍ରତି ଗୃହରେ ଉପସ୍ଥାପନ କରିବେ ।

**୩୦. ରାଜ୍ୟ କମିଶନ୍‌ଙ୍କ ହିସାବପତ୍ର ଓ ଅଡିଟ୍-**

(୧) ରାଜ୍ୟ କମିଶନ୍ ହିସାବପତ୍ର ତଥା ଅନ୍ୟାନ୍ୟ ପ୍ରାସଙ୍ଗିକ ରେକର୍ଡପତ୍ରର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବେ ଏବଂ ଭାରତର ମହା ଅଭିନିୟନ୍ତ୍ରକ ଏବଂ ସମୀକ୍ଷକ (ସି.ଆଣ୍ଡ.ଏ.ଜି.)ଙ୍କ ପରାମର୍ଶ କ୍ରମେ

ରାଜ୍ୟ ସରକାରଙ୍କ ଦ୍ୱାରା ବିହିତ ହୋଇଥିବା ରୀତିରେ ଏକ ବାର୍ଷିକ ହିସାବପତ୍ର ବିବରଣୀ ପ୍ରସ୍ତୁତ କରିବେ ।

(୨) ଭାରତର ମହା ଅଭିନିୟନ୍ତକ ଏବଂ ସମୀକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସମୟ-ବ୍ୟବଧାନରେ ରାଜ୍ୟ କମିଶନ୍‌ଙ୍କ ହିସାବପତ୍ରର ସମୀକ୍ଷା (ଅଡିଟ୍) ତାଙ୍କ ଦ୍ୱାରା କରାଯିବ ଏବଂ ଏହି ସମୀକ୍ଷା ବାବଦରେ ସି.ଆଣ୍ଡ.ଏ.ଜି.ର ଯାହା କିଛି ଖର୍ଚ୍ଚ ହେବ ତାହା ରାଜ୍ୟ କମିଶନ୍ ଭରଣା କରିବେ ।

(୩) ସି.ଆଣ୍ଡ.ଏ.ଜି. ଏବଂ ଏହି ଆଇନ୍ ଅଧୀନରେ ରାଜ୍ୟ କମିଶନ୍‌ର ହିସାବପତ୍ର ଅଡିଟ୍ ପରିପ୍ରେକ୍ଷୀରେ ତାଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଯେ କୌଣସି ବ୍ୟକ୍ତିଙ୍କର ସେହିସବୁ ଅଧିକାର, ବିଶେଷାଧିକାର ଏବଂ କର୍ତ୍ତୃତ୍ୱ ରହିବ ଯାହାକି ସରକାରୀ ହିସାବପତ୍ର ଅଡିଟ୍ ପରିପ୍ରେକ୍ଷୀରେ ସି.ଆଣ୍ଡ.ଏ.ଜି.ଙ୍କର ଥାଏ, ଏବଂ ବିଶେଷ କରି ଯେ କୌଣସି ଖାତା, ହିସାବ, ସଂପୃକ୍ତ ଭାଉଚର୍ ଏବଂ ଅନ୍ୟାନ୍ୟ ଦଲିଲ୍ ଏବଂ କାଗଜପତ୍ରକୁ ତଲବ୍ କରିବା ତଥା ରାଜ୍ୟ କମିଶନ୍‌ଙ୍କର ଯେ କୌଣସି ଅଫିସ୍‌କୁ ନିରୀକ୍ଷଣ କରିବା ପାଇଁ ସେମାନଙ୍କର ଅଧିକାର ରହିବ ।

(୪) ସି.ଆଣ୍ଡ.ଏ.ଜି. ଏବଂ ତାଙ୍କ ଦ୍ୱାରା ସଂପୃକ୍ତ ଉଦ୍ଦେଶ୍ୟରେ ନିଯୁକ୍ତ ହୋଇଥିବା ଯେ କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରମାଣୀକୃତ ହୋଇଥିବା ରାଜ୍ୟ କମିଶନ୍‌ଙ୍କ ହିସାବପତ୍ର ଏବଂ ଏହା ସହିତ ତହିଁର ଅଡିଟ୍ ରିପୋର୍ଟ କମିଶନ୍‌ଙ୍କ ଦ୍ୱାରା ବର୍ଷକୁ ଥରେ ରାଜ୍ୟ ସରକାରଙ୍କ ନିକଟକୁ ଅଭିପ୍ରେରଣ କରାଯିବ ଏବଂ ରାଜ୍ୟ ସରକାର ଉକ୍ତ ଅଡିଟ୍ ରିପୋର୍ଟ ମିଳିବା ପରେ ଯଥାଶୀଘ୍ର ଏହାକୁ ରାଜ୍ୟ ଆଇନ୍‌ସଭାରେ ଉପସ୍ଥାପନ କରିବେ ।

## ଅଧ୍ୟାୟ-୭: ବିବିଧ

**୩୧. ସଦବିଶ୍ୱାସରେ ସମ୍ପାଦିତ କାର୍ଯ୍ୟକୁ ସୁରକ୍ଷା ପ୍ରଦାନ-**

ଏହି ଆଇନ୍ ବା ଏହା ଅଧୀନରେ ପ୍ରଣୀତ ନିୟମାବଳୀର ଅନୁପାଳନ କରିବାକୁ ଯାଇ କେନ୍ଦ୍ର ସରକାର, ରାଜ୍ୟ ସରକାର, କମିଶନ୍ , ରାଜ୍ୟ କମିଶନ୍ ବା ଉକ୍ତ କମିଶନ୍‌ର କୌଣସି ସଦସ୍ୟ ଯଦି କେନ୍ଦ୍ର ସରକାର, ରାଜ୍ୟ ସରକାର, କମିଶନ୍ ବା ରାଜ୍ୟ କମିଶନ୍‌ଙ୍କ ନିର୍ଦ୍ଦେଶ ଦ୍ୱାରା ପରିଚାଳିତ ହୋଇ ସଦବିଶ୍ୱାସରେ କୌଣସି ପଦକ୍ଷେପ ନେଇଥିବେ ବା ନେବାପାଇଁ ଅଭିଳାଷ ପୋଷଣ କରିଥିବେ ବା କେନ୍ଦ୍ର ସରକାର, ରାଜ୍ୟ ସରକାର, କମିଶନ୍ ବା ରାଜ୍ୟ କମିଶନ୍‌ଙ୍କ ଦ୍ୱାରା ବା କର୍ତ୍ତୃତ୍ୱ ବଳରେ କୌଣସି ରିପୋର୍ଟ ବା ଦଲିଲ୍ ପ୍ରକାଶିତ ହୋଇଥିବ ତେବେ ସେପରି କ୍ଷେତ୍ରରେ କାହା ବିରୁଦ୍ଧରେ କୋଣସି ମୋକଦ୍ଦମା, ଅଭିଯୋଜନ ବା ଅନ୍ୟ କୌଣସି ଆଇନ୍-ଗତ କାର୍ଯ୍ୟବିଧି ରଜୁ ହେବ ନାହିଁ ।

**୩୨. ଅଧ୍ୟକ୍ଷ, ସଦସ୍ୟଗଣ ଏବଂ ଅନ୍ୟାନ୍ୟ ଅଧିକାରୀଗଣ ହେଉଛନ୍ତି ସର୍ବସାଧାରଣ କର୍ମଚାରୀ-**

କମିଶନ୍ ବା ରାଜ୍ୟ କମିଶନ୍‌ଙ୍କର ପ୍ରତି ସଦସ୍ୟ ତଥା ଏହି ଆଇନ୍‌ରେ ସୂଚୀତ କାର୍ଯ୍ୟାବଳୀକୁ ସମ୍ପାଦନ କରିବା ପାଇଁ କମିଶନ୍ ବା ରାଜ୍ୟ କମିଶନ୍‌ରେ ନିଯୁକ୍ତ ହୋଇଥିବା ପ୍ରତି ଅଧିକାରୀ ଭାରତୀୟ ଦଣ୍ଡ ସଂହିତାର ଦଫା ୨୧ର ଉଦ୍ଦେଶ୍ୟାର୍ଥେ ଜଣେ ସର୍ବସାଧାରଣ କର୍ମଚାରୀ ରୂପେ ବିବେଚିତ ହେବେ ।

**୩୩. କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଦେଶାବଳୀ-**

(୧) ଏହି ଆଇନ୍ ଅଧୀନରେ ନଜର କାର୍ଯ୍ୟାବଳୀ ସଂପାଦନ କରିବା କ୍ଷେତ୍ରରେ କମିଶନ୍ ଜାତୀୟ ଉଦ୍ଦେଶ୍ୟସମୂହ ପରିପ୍ରେକ୍ଷୀରେ ସମସ୍ତ ନୀତିଗତ ପ୍ରଶ୍ନ ଉପରେ ସେହିସବୁ ନିର୍ଦ୍ଦେଶାବଳୀ ଦ୍ୱାରା ପରିଚାଳିତ ହେବେ ଯାହା କି କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇ ପାରେ ।

(୨) ଗୋଟିଏ ନୀତିଗତ ପ୍ରଶ୍ନ ଜାତୀୟ ଉଦ୍ଦେଶ୍ୟ ସହ ସଂପର୍କୀତ କି ନୁହେଁ , ଯଦି ଏହି ପ୍ରସଙ୍ଗକୁ କେନ୍ଦ୍ର କରି କେନ୍ଦ୍ର ସରକାର ଏବଂ କମିଶନ୍‌ଙ୍କ ଭିତରେ ବିବାଦ ଉପୁଜେ ତେବେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଗ୍ରହଣ କରାଯିବ ।

**୩୪. ରିପୋର୍ଟ ଓ ସୂଚନା ଦାଖଲ-**

ନିଜର କାର୍ଯ୍ୟକଳାପ ସମ୍ବନ୍ଧରେ କମିଶନ୍ କେନ୍ଦ୍ର ସରକାରଙ୍କ ନିକଟରେ ସେହିସବୁ ରିପୋର୍ଟ ଓ ସୂଚନା ଦାଖଲ କରିବେ ଯାହା କି କେନ୍ଦ୍ର ସରକାର ସମୟାନ୍ତରରେ ଲୋଡ଼ିପାରନ୍ତି ।

**୩୫. ନିୟମାବଳୀ ପ୍ରଣୟନ କରିବା ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା-**

(୧) ଏହି ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟରୂପ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ନିୟମାବଳୀ ପ୍ରଣୟନ କରିପାରନ୍ତି ।

(୨) ବିଶେଷ କରି ତଥା ପୂର୍ବବର୍ଣ୍ଣୀତ କ୍ଷମତାର ସାଧାରଣତାକୁ କ୍ଷୁର୍ଣ୍ଣ ନକରି ଏହି ନିୟମାବଳୀ ନିମ୍ନ ଲିଖିତ ସମସ୍ତ ବା କୌଣସି ବିଷୟ ଉପରେ ବ୍ୟବସ୍ଥା ସ୍ଥାନିତ କରିପାରେ, ଯଥା-

(ଏ) ଧାରା ୬ ଅଧୀନରେ ସୂଚୀତ ହୋଇଥିବା ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ପଦବିଧି ଓ ସେବା ସର୍ତ୍ତାବଳୀ ଏବଂ ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ;

(ବି) ଧାରା ୧୦ର ଉପଧାରା (୪)ରେ ସୂଚୀତ ହୋଇଥିବା କମିଶନ୍ ବୈଠକରେ କାର୍ଯ୍ୟ ସଂପାଦନ ପାଇଁ ଅନୁସରଣୀୟ ପ୍ରକ୍ରିୟା ;

(ସି) ଧାରା ୧୧ର ଉପଧାରା (୪)ରେ ସୂଚୀତ ହୋଇଥିବା କ୍ଷମତାସମୂହ ଓ ଦାୟିତ୍ୱାବଳୀ, ଯାହାକି କମିଶନ୍‌ଙ୍କ ସଦସ୍ୟ-ସଚିବଙ୍କ ଦ୍ୱାରା ପ୍ରୟୋଗ ଏବଂ ସଂପାଦିତ ହେବ ;

(ଡି) ଧାରା ୧୨ର ଉପଧାରା (୩)ରେ ସୂଚୀତ ହୋଇଥିବା ବେତନ ଏବଂ ଭତ୍ତାସମୂହ ତଥା ପଦବିଧି ଓ ସେବା ସର୍ତ୍ତାବଳୀ, ଯାହା କି କମିଶନ୍‌ର ଅଧିକାରୀଗଣ ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ପ୍ରଯୁଜ୍ୟ ; ଏବଂ

(ଇ) ଧାରା ୨୯ର ଉପଧାରା (୧)ରେ ସୂଚୀତ ହୋଇଥିବା ବିବରଣୀର ଢାଞ୍ଚା, ଯାହା ଅନୁଯାୟୀ କମିଶନ୍‌ଙ୍କ ଦ୍ୱାରା ହିସାବପତ୍ର ଏବଂ ଅନ୍ୟାନ୍ୟ ରେକର୍ଡ ସମ୍ବନ୍ଧରେ ସୂଚନା ପ୍ରସ୍ତୁତ କରାଯିବ ।

(୩) ଏହି ଆଇନ୍ ଅଧୀନରେ କେନ୍ଦ୍ର ସରକାରଙ୍କ ପ୍ରଣୀତ ପ୍ରତି ନିୟମ, ପ୍ରଣୟନ ପରେ ଯଥାଶୀଘ୍ର ସଂସଦର ପ୍ରତି ଗୃହରେ, ଯେତେବେଳେ କି ଏହାର ଅଧିବେଶନ ମୋଟ ଉପରେ ଏପରି ତିରିଶ ଦିନ ପାଇଁ ବସୁଥିବ, ଯାହାକି ଗୋଟିଏ ବା ଦୁଇଟି ବା ତତୋଧିକ ଅନୁକ୍ରମିକ ଅଧିବେଶନରେ ବ୍ୟାପ୍ତ ହୋଇଥାଇପାରେ, ଉପସ୍ଥାପନ କରାଯିବ, ଏବଂ ଯଦି ସେହି ଅଧିବେଶନ ବା ପୂର୍ବୋକ୍ତ ଅନୁକ୍ରମିକ ଅଧିବେଶନର ଠିକ୍ ପରେ ଅନୁଷ୍ଠିତ ଅଧିବେଶନ ଶେଷ ହେବା ପୂର୍ବରୁ ଦୁଇ ଗୃହ ଏହି ନିୟମରେ କୌଣସି ସଂଶୋଧନ ପାଇଁ ସହମତ ହୁଅନ୍ତି, ବା ଦୁଇ ଗୃହ ସହମତ ହୁଅନ୍ତି ଯେ ଏପରି ନିୟମ-ପ୍ରଣୟନ ଆବଶ୍ୟକ ନାହିଁ, ତେବେ ତତ୍‌ପଶ୍ଚାତ୍ ସେହି ନିୟମ ଯଥାସ୍ଥିତି କେବଳ ସେହି ସଂଶୋଧିତ ରୂପରେ ପ୍ରଭାବ ବହନ କରିବ, ଅଥବା ମୋଟେ ପ୍ରଭାବ ବହନ କରିବ ନାହିଁ; କିନ୍ତୁ ଏପରି କୌଣସି

ସଂଶୋଧନ ବା ପ୍ରତ୍ୟାଖ୍ୟାନ ଫଳରେ ସେହି ନିୟମ ଅଧୀନରେ ପୂର୍ବକୃତ କୌଣସି କାର୍ଯ୍ୟର ବିଧିମାନ୍ୟତା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡିବନି ।

**୩୬. ନିୟମାବଳୀ ପ୍ରଣୟନ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ଷମତା-**

(୧) ଏହି ଆଇନ୍‌ର ବ୍ୟବସ୍ଥାଗୁଡିକୁ କାର୍ଯ୍ୟରୂପ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ନିୟମାବଳୀ ପ୍ରଣୟନ କରିପାରନ୍ତି ।

(୨) ବିଶେଷ କରି ତଥା ପୂର୍ବବର୍ଣ୍ଣୀତ କ୍ଷମତାର ସାଧାରଣତାକୁ କ୍ଷୁର୍ଣ୍ଣ ନକରି ଏହି ନିୟମାବଳୀ ନିମ୍ନ ଲିଖିତ ସମସ୍ତ ବା କୌଣସି ବିଷୟ ଉପରେ ବ୍ୟବସ୍ଥା ସ୍ଥାନିତ କରିପାରେ, ଯଥା-

(ଏ) ଧାରା ୨୦ ଅଧୀନରେ ସୂଚୀତ ହୋଇଥିବା ରାଜ୍ୟ କମିଶନ୍‌ଙ୍କ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ପଦବିଧି ଓ ସେବା ସର୍ତ୍ତାବଳୀ ଏବଂ ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ;

(ବି) ଧାରା ୧୦ର ଉପଧାରା (୪) ସହିତ ଧାରା ୨୪ କୁ ମିଶାଇ ପାଠ କଲେ ତହିଁରୁ ସୂଚୀତ ହେଉଥିବା ରାଜ୍ୟ କମିଶନ୍ ବୈଠକରେ କାର୍ଯ୍ୟ ସଂପାଦନ ପାଇଁ ଅନୁସରଣୀୟ ପ୍ରକ୍ରିୟା ;

(ସି) ଧାରା ୨୧ର ଉପଧାରା (୨)ରେ ସୂଚୀତ ହୋଇଥିବା କ୍ଷମତାସମୂହ ଓ ଦାୟିତ୍ୱାବଳୀ, ଯାହାକି ରାଜ୍ୟ କମିଶନ୍‌ଙ୍କ ସଚିବଙ୍କ ଦ୍ୱାରା ପ୍ରୟୋଗ ଏବଂ ସଂପାଦିତ ହେବ ;

(ଡି) ଧାରା ୨୧ର ଉପଧାରା (୩)ରେ ସୂଚୀତ ହୋଇଥିବା ବେତନ ଏବଂ ଭତ୍ତାସମୂହ ତଥା ପଦବିଧି ଓ ସେବା ସର୍ତ୍ତାବଳୀ, ଯାହା କି ରାଜ୍ୟ କମିଶନ୍‌ର ଅଧିକାରୀଗଣ ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ପ୍ରଯୁଜ୍ୟ ; ଏବଂ

(ଇ) ଧାରା ୩୦ର ଉପଧାରା (୧)ରେ ସୂଚୀତ ହୋଇଥିବା ବିବରଣୀର ଢାଞ୍ଚା, ଯାହା ଅନୁଯାୟୀ ରାଜ୍ୟ କମିଶନ୍‌ଙ୍କ ହିସାବପତ୍ର ଏବଂ ଅନ୍ୟାନ୍ୟ ରେକର୍ଡ ସମ୍ବନ୍ଧରେ ସୂଚନା ପ୍ରସ୍ତୁତ କରାଯିବ ।

(୩) ଏହି ଅଧ୍ୟାୟ ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତି ନିୟମ, ପ୍ରଣୟନ ପରେ ପରେ ଯଥାଶୀଘ୍ର ରାଜ୍ୟ ଆଇନ୍‌ସଭାର ପ୍ରତି ଗୃହରେ, ଯେଉଁଠି କି ରାଜ୍ୟ ଆଇନ୍ ସଭା ଦୁଇଟି ଗୃହକୁ ନେଇ ଗଠିତ, ନଚେତ୍ ସେହି ଗୃହରେ ଯେଉଁଠି କି ରାଜ୍ୟ ଆଇନ୍‌ସଭା ମାତ୍ର ଗୋଟିଏ ଗୃହକୁ ନେଇ ଗଠିତ, ଉପସ୍ଥାପିତ ହେବ ।

**୩୭. ଅସୁବିଧା ଦୂରୀକରଣ ପାଇଁ କ୍ଷମତା-**

(୧) ଯଦି ଏହି ଆଇନ୍‌ର ବ୍ୟବସ୍ଥାଗୁଡିକୁ ଫଳପ୍ରଦ କାର୍ଯ୍ୟରୂପ ଦେବା କ୍ଷେତ୍ରରେ କିଛି ଅସୁବିଧା ଉପୁଜେ, ତେବେ କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ନିଜ ଆଦେଶର ବିଜ୍ଞପ୍ତି ପୂର୍ବକ ଏତାଦୃଶ ବ୍ୟବସ୍ଥା ଲାଗୁ କରିପାରନ୍ତି, ଯେଉଁଗୁଡିକ ଏହି ଆଇନ୍ ଅଧୀନସ୍ଥ ବ୍ୟବସ୍ଥାଗୁଡିକ ସହ ଅସଂଗତ ନୁହେଁ ଏବଂ ଯେଉଁ ଗୁଡିକ ଅସୁବିଧା ଦୂରୀକରଣ ପାଇଁ ଆବଶ୍ୟକ ମନେ ହୋଇପାରେ ।

ପରନ୍ତୁ, ଏହି ଆଇନ୍ ଲାଗୁ ହେବା ତାରିଖରୁ ୨ବର୍ଷ ସମୟ ଅତିବାହିତ ହେଲାପରେ ଏହି ଧାରା ଅଧୀନରେ ଏପରି କୌଣସି ଆଦେଶ ଜାରି କରାଯିବ ନାହିଁ ।

(୨) ଏହି ଧାରା ଅଧୀନରେ ପ୍ରସ୍ତୁତ ପ୍ରତି ଆଦେଶ ପ୍ରସ୍ତୁତ ହେବା ପରେ ପରେ ଯଥାଶୀଘ୍ର ସଂସଦର ପ୍ରତି ଗୃହରେ ଉପସ୍ଥାପନ କରାଯିବ ।

**ଟି.କେ. ବିଶ୍ୱନାଥନ୍**
**ସଚିବ, ଭାରତ ସରକାର**